RNI No.ODIODI/2010/33031

୯ମ ବର୍ଷ | Volume- 09

ସଂଖ୍ୟା- ୨୦୯ | Issue- 209

ଭୁବନେଶ୍ୱର, ସୋମବାର ୨୨ ଅକ୍ଟୋବର ୨୦୧୮

Bhubaneswar, Monday, 22 October 2018

୦୮ ପୃଷ୍ଠା | Pages-08

ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00

www.odishamanthan.com

MANTHAN

# ମନ୍ଥନ

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




ନଭେମ୍ବର ୧୭ରେ ବିବାହ କରିବେ ଦୀପିକା ଓ ରଣବୀର

# ପେଟ୍ରୋଲ ଠାରୁ ଡିଜେଲ ମହଙ୍ଗା



ଭୁବନେଶ୍ୱର, ୨୧/୧୦ (ନି.ପ୍ର.): ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧିର ପ୍ରଭାବ ଭାରତୀୟ ତୈଳ ବଜାର ଉପରେ ପଡିଛି। ଫଳରେ ଲଗାତର କିଛି ଦିନ ହେବ ପେଟ୍ରୋଲ ଓ ଡିଜେଲ୍ ଦାମ କ୍ରମାଗତ ହ୍ରାସ ପାଉଛି। କିନ୍ତୁ ଓଡ଼ିଶାରେ ଓଡ଼ିଶାରେ ତୈଳ ଦର ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି। ଏଥର ପୁଣି ପେଟ୍ରୋଲ ଦରକୁ ଟପି ଯାଇଛି ଡିଜେଲ୍ ଦର। ତେବେ ଏହାକୁ ନେଇ ରାଜନୀତି ଅରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଡିଜେଲ ଦରବୃଦ୍ଧିକୁ ନେଇ ରାଜ୍ୟ କେନ୍ଦ୍ରରର ଭୁଲ୍ ନୀତି ଓ ଦାୟିତ୍ୱହୀନତାକୁ ଦାୟୀ କରିଥିବା ବେଳେ ବିଜେପି ଭାଟ୍ କମାଇବା ପାଇଁ ଦାବି କରିଛି। ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୮୦ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦର ୮୦ ଟଙ୍କା ୬୯ ପଇସା ରହିଛି। ଯାହାକି ଏକ ଇତିହାସ ସୃଷ୍ଟି କରିଛି ବୋଲି ରାଜ୍ୟ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରେ କହିଛନ୍ତି। କେନ୍ଦ୍ରର ଭୁଲ୍ ନୀତି ଓ ଦାୟିତ୍ୱ ହୀନତା ଯୋଗୁଁ ଆଜି ଏ ପରିସ୍ଥିତି। ତୈଳ କମ୍ପାନୀଗୁଡିକ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ନାହାନ୍ତି। କମ୍ପାନୀମାନଙ୍କ ସହିତ କେନ୍ଦ୍ର ସରକାରଙ୍କ ସାଲିସ୍ ରହିଛି। ତେଣୁ ଡିଜେଲ ଦର ବଢ଼ିବା ଦ୍ୱାରା ସବୁ ସାମଗ୍ରୀର ଦରଦାମ ବଢ଼ିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହା ସହିତ ଏହି ଦରବୃଦ୍ଧିକୁ ନେଇ ରାଜନୀତି ସହିତ ଯୋଡ଼ିଛି ରାଜ୍ୟ। ଆଗାମୀ ନିର୍ବାଚନ ପାଇଁ ବିଜେପି ସରକାର ପାଣ୍ଠି ସଂଗ୍ରହ କରୁଛି ବୋଲି ଶଶୀଭୂଷଣ କହିଛନ୍ତି। କେନ୍ଦ୍ର ଉପରେ ବାରମ୍ବାର ଦୋଷ ଲଦୁଥିବା ରାଜ୍ୟ ସରକାର ପ୍ରଥମେ ଭାଟ୍ କମାନ୍ତୁ ବୋଲି ଦାବି କରିଛି ବିଜେପି। ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି କେନ୍ଦ୍ର ଦର କମାଇଥିବା ବେଳେ ଅନ୍ୟ ରାଜ୍ୟଗୁଡିକ ମଧ୍ୟ ଭାଟ୍ କମାଇଥିଲେ। କିନ୍ତୁ ଓଡ଼ିଶା ସରକାର ଦର କମାଇଲେ ନାହିଁ। ସେହିପରି ଅର୍ଥମନ୍ତ୍ରୀଙ୍କ ବିଚାର ବିମର୍ଷ କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଲୋକଙ୍କୁ ବିଭ୍ରାନ୍ତି କରୁଛନ୍ତି ବୋଲି ହରିଚନ୍ଦନ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ତୈଳବୃଦ୍ଧି ନେଇ ସମସ୍ତେ କେନ୍ଦ୍ରକୁ ଘେରିବାକୁ ଚଳିତ ମାସ ଆରମ୍ଭରୁ ଅଢ଼େଇ ଟଙ୍କା ହ୍ରାସ କରାଯାଇଥିଲା। କେନ୍ଦ୍ର ୧ ଟଙ୍କା ୫୦ ପଇସା ଟିକସ ଛାଡ କରିଥିବା ବେଳେ କମ୍ପାନୀଗୁଡିକ ୧ ଟଙ୍କା ହ୍ରାସ କରିଥିଲେ ଏବଂ ସମସ୍ତ ରାଜ୍ୟକୁ ୨.୫୦ ଟଙ୍କା ହ୍ରାସ କରିବାକୁ ଅନୁରୋଧ କରିଥିଲେ।

# କେବିସିରେ ଓଡ଼ିଆ ପୁଅ



## ଜିତିଲେ ୨୫ ଲକ୍ଷ ଟଙ୍କା

ଭୁବନେଶ୍ୱର/ମୁମ୍ବାଇ, ୨୧/୧୦: କୋରାପୁଟ ଜିଲ୍ଲା ଦାମନଯୋଡ଼ିର ନାମ୍ବାଲା ରବି କୁମାର ୨୫ ଲକ୍ଷ ଟଙ୍କା ଜିତିବାର ସୌଭାଗ୍ୟ ହାସଲ କରିଛନ୍ତି। କୌନ ବନେଗା କରୋଡପତି (କେବିସି) କାର୍ଯ୍ୟକ୍ରମରେ ସଫଳତା ପାଇଁ ତାଙ୍କୁ ମିଳିଛି ଏହି ପୁରସ୍କାର। ସୂଚନାଯୋଗ୍ୟ ଯେ, ମେଗାଷ୍ଟାର ଅବିତାଭ ବଚ୍ଚନ ଏହି କାର୍ଯ୍ୟକ୍ରମର ପରିଚାଳନା କରୁଛନ୍ତି। ରବି କୁମାର ଫାଷ୍ଟେଷ୍ଟ ଫିଙ୍ଗର ରାଉଣ୍ଡରୁ ସଳଫତାର ସହ ଉତ୍ତୀର୍ଣ୍ଣ ହେଶଇ ବିଗ୍ ବିଙ୍କ ସାମ୍ନାରେ 'ହଟ୍ ସିଟ୍‌ରେ ବସିବାର ସୁଯୋଗ ହାସଲ କରିଥିଲେ। ୨୦୦୦ ମସିହାଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଫଳତା ହାସଲ ପାଇଁ ରବି କୁମାର ଦୀର୍ଘ ୧୮ ବର୍ଷ ହେଲା ସୋନି ଟେଲିଭିଜନ୍ ମାଧ୍ୟମରେ କାର୍ଯ୍ୟକ୍ରମକୁ ଦେଖି ଆସୁଥିଲେ। ରବି କୁମାର ନାଲ୍‌କୋର ଟେକ୍‌ନିସିଆନ୍ ରୂପେ କାର୍ଯ୍ୟରତ ଓ ସେ ବିଗ୍ ବିଙ୍କ ଜଣେ ବଡ଼ ଫ୍ୟାନ୍ ବୋଲି ତାଙ୍କ ପରିବାର ସଦସ୍ୟଙ୍କ ଠାରୁ ପ୍ରକାଶ।

# ନେତାଜୀଙ୍କ ନାମରେ ଜାତୀୟ ପୁରସ୍କାର



ନୂଆଦିଲ୍ଲୀ, ୨୧/୧୦: ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୁଲିସ୍ ଅବକାରୀଙ୍କ ଉତ୍କର୍ଷ କାର୍ଯ୍ୟ ପାଇଁ ଜାତୀୟ ସ୍ତରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପୁରସ୍କାର ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଅକ୍ଟୋବର ୨୧, ୧୯୪୩ରେ ନେତାଜୀ ସ୍ୱାଧୀନ ଆଜାଦ୍ ହିନ୍ଦ୍ ସରକାର ଘୋଷଣା କରିବାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଆସନ୍ତା ଜାନୁଆରୀ ୨୩ ତାରିଖରେ ନେତାଜୀଙ୍କ ଜୟନ୍ତୀ ଅବସରରେ ଏହି ପୁରସ୍କାର ଘୋଷଣା କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜାତୀୟ ପ୍ରାକୃତିକ ପ୍ରଶମନ ଫୋର୍ସ (ଏନ୍‌ଡିଆରଏଫ୍) ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗର ଉଲ୍ଲେଖନୀୟ ସେବାକୁ ଭୁଲି ହେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏନ୍‌ଡିଆରଏଫ୍ ଓ ଏସ୍‌ଡିଆରଏଫ୍ ହେଉଛନ୍ତି ଦେଶର ସାହସୀ ପୁଲିସ୍ ଅଧିକାରୀ ବୋଲି ମୋଦି କହିଛନ୍ତି।

# ନାବାଳକକୁ ବଳି ଚଢ଼ାଇ ୨ ଗିରଫ

ବଲାଙ୍ଗୀର, ୨୧/୧୦ (ନି.ପ୍ର.): ଏବେ ବି ବଳି ପ୍ରଥାରେ ବିଶ୍ୱାସ ରହିଛି। ଏପରି ଏକ ଘଟଣା ଘଟିଛି ବଲାଙ୍ଗୀର ଜିଲ୍ଲାରେ। ଜଣେ ୯ ବର୍ଷର ନାବଳକକୁ ଜଘନ୍ୟ ଭାବେ ହତ୍ୟା କରାଯାଇଛି। ସମ୍ପୃକ୍ତ ନାବାଳକକୁ ବଳି ଚଢ଼ାଯାଇଥିବା ପୁଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ମୃତ ନାବାଳକର କାକା ସୋଭାବାବା ରଣା ଓ ଭାଇଙ୍କୁ ଗିରଫ କରାଯାଇଛି। ଦୁଇ ଦିନ ଧରି ନିଖୋଜ ରହିବା ପରେ ସ୍ଥାନୀୟ ଗ୍ରାମର ଉନ୍ଦାର ନଦୀପଠାରୁ ମୃତ ନାବାଳକର କଟାମୁଣ୍ଡ ଉଦ୍ଧାର କରାଯାଇଛି। ମୃତ ନାବାଳକର ନାମ ଘନଶ୍ୟାମ ରଣା ଓରଫ୍ ମିଥୁନ ଓ ସେ କୁମ୍ଭାରପଡ଼ା ସିନ୍ଦେହକେଲାର ଗ୍ରାମର ହିରୋ ରଣାଙ୍କ ପୁତ୍ର ବୋଲି ଜଣାପଡିଛି। ବଲାଙ୍ଗୀର ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ଏହି ହତ୍ୟା ଘଟଣାର ତଦନ୍ତ କରିଛନ୍ତି। ଟିଟିଲାଗଡ଼ ଏସ୍‌ଡିପିଓଙ୍କୁ କହିବା ଅନୁସାରେ ଜଣେ ଗୁଣିଆର ନିର୍ଦ୍ଦେଶକ୍ରମେ ନାବାଳକକୁ ବଳି ଚଢ଼ାଯାଇଚି। ପୁଲିସ୍ ଅଭିଯରକ୍ତଙ୍କଠାରୁ ଏକ ଧାରୁଆ ଅସ୍ତ୍ର ଓ ବାଇକ୍ ଜବତ କରିଛି।

# ପୁଣି ମାତିଲା ମଣିଷଖିଆ 'ସୁନ୍ଦରୀ'



ଅନୁଗୁଳ, ୨୧/୧୦ (ନି.ପ୍ର.): ଅନୁଗୁଳ ଜିଲ୍ଲା ସାତକୋଶିଆ ତନ୍‌ସି ଗ୍ରାମରେ ଜଣେ ମଣିଷକୁ ମାରିପା ପରେ ହିଂସ୍ର ହୋଇ ଉଠିଛି ବାଘୁଣୀ 'ସୁନ୍ଦରୀ'। ଏହା ମହାବଳ ବାଘୁଣୀ ସ୍ଥାନୀୟ ଜଣେ ରିପୋର୍ଟରଙ୍କୁ ମଧ୍ୟ ଆକ୍ରମଣ କରି ଗୁରୁତର ଭାବେ ଆହତ କରିଛି। ରିପୋର୍ଟରଙ୍କ ନାମ ରଘୁନାଥ ସାହୁ ଏବଂ ସେ ଏକ ଘରୋଇ ଟେଲିଭିଜନ୍ ଚ୍ୟାନେଲ୍‌ରେ କାମ କରୁଥିବା ଜଣାପଡିଛି। ଜଣେ ମଣିଷକୁ ମାରିବା ପରେ ରିପୋର୍ଟର ଜଣକ ଉକ୍ତ ସ୍ଥାନକୁ ସୂଚନା ସଂଗ୍ରହ ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ବାଘୁଣୀ ତାଙ୍କ ଉପରକୁ ଆକ୍ରମଣ କରିଥିଲା। ଗୁରୁତର ଆହତ ଅବସ୍ଥାରେ ସମ୍ପୃକ୍ତ ରିପୋର୍ଟରଙ୍କୁ ଅନୁଗୁଳ ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ରିପୋର୍ଟରଙ୍କୁ ଆକ୍ରମଣ କରିବା ପୂର୍ବରୁ ଗ୍ରାମର ଉପକଣ୍ଠକୁ ମାଛ ଧରିବା ପାଇଁ ଆସିଥିବା ତ୍ରିନାଥ ସାହୁ (୬୦) ନାମକ ଜଣେ ବୃଦ୍ଧଙ୍କୁ 'ସୁନ୍ଦରୀ' ଆକ୍ରମଣ କରିଥିଲା। ଗୁରୁତର ଆହତ ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ମିଳିଥିବା ରିପୋର୍ଟ ଅନୁଯାୟୀ 'ସୁନ୍ଦରୀ' ବାଘର ଦୌରାତ୍ମ୍ୟ ଯୋଗୁଁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି। ସୂଚନାଯୋଗ୍ୟ ଯେ, ବାଘ ସଂଖ୍ୟା ବୃଦ୍ଧି କରିବା ପାଇଁ 'ସୁନ୍ଦରୀ'କ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣକୁ ଅଣାଯାଇଥିଲା। ଏହି ଘଟଣା ପରେ ଉତ୍ତେଜିତ ସ୍ଥାନୀୟବାସୀ ପୁଲିସ୍ ଜିପ୍‌କୁ ଜାଳି ଦେଇଥିବା ବେଳେ ପୁଲିସ୍ ପକ୍ଷରୁ ଲାଠିଚାର୍ଜ କରାଯାଇଛି।

# ତିତ୍‌ଲି ମୃତ୍ୟୁ ସଂଖ୍ୟା ୬୧କୁ ବୃଦ୍ଧି



ଭୁବନେଶ୍ୱର, ୨୧/୧୦ (ନି.ପ୍ର.): ତିତଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପ୍ରଭାବରେ ମୃତକଙ୍କ ସଂଖ୍ୟା ୬୧କୁ ବୃଦ୍ଧି ପାଇଛି। ଅନ୍ୟ ୧୧ ଜଣଙ୍କ ଯାଂଚ ଚାଲିଛି । ସେମାନଙ୍କ ମଧ୍ୟରୁ ୩ ଜଣ ମତ୍ସଜୀବୀ ରହିଛନ୍ତି। ଅନ୍ୟପକ୍ଷରେ ସୋରଡାରୁ ଦାରିଙ୍ଗିବାଡି ରାସ୍ତା ବ୍ୟତିତ ସବୁ ରାସ୍ତା ମରାମତି ଶେଷ ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ପ୍ରଭାବିତ ସହରାଂଚଳରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଛି । ଗ୍ରାମାଂଚଳରେ ୬୫୦ରୁ ୫୭୦ ଗାଁକୁ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଛି । ନଳକୂପ ମରାମତି ହେବା ସହ ଆସନ୍ତା ୨୨ ତାରିଖ ସୁଦ୍ଧା ୯୦% ବିଦ୍ୟୁତ୍ ସଂଯୋଗୀକରଣ କାମ ଶେଷ ହେବ। ପ୍ରଭାବିତ ଅଂଚଳରେ ଲୋକମାନଙ୍କୁ ୫୦ କେଜି ଲେଖାଏଁ ଚାଉଳ ଦିଆ।ଯାଇଛି। ଗଜପତିରେ ୧୧ କୋଟିର ନଗଦ ଟଙ୍କା ବଂଟା ହୋଇଥିବା ବେଳେ ଗଞ୍ଜାମ ଜିଲାରେ କ୍ଷତିପୂରଣ ବାବଦକୁ ଟଙ୍କା ବଂଟା ଶେଷ ପର୍ଯ୍ୟାୟରେ ପହଂଚିଛି। କ୍ଷୟକ୍ଷତି ନେଇ କେନ୍ଦ୍ରକୁ ପ୍ରାରମ୍ଭିକ ରିପୋର୍ଟ ଦିଆଯାଇଛି ବୋଲି ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# କୁଆଖାଇ, ଦୟାରେ ବିସର୍ଜିତ ହେଲେ ୧୭୫ ମେଢ

ଭୁବନେଶ୍ୱର, ୨୧/୧୦ (ନି.ପ୍ର.): ଧରାପୃଷ୍ଠରୁ ମେଲାଣି ନେଇଛନ୍ତି ମା' ଦୁର୍ଗା । ପୁଣି ଅପେକ୍ଷା ଆର ବର୍ଷକୁ । ଶ୍ରଦ୍ଧାଳୁମାନେ ବେଶ୍ ଧୁମ୍‌ଧାମରେ ମାଙ୍କୁ ବିଦାୟ ଜଣାଇଛନ୍ତି। ମାଙ୍କ ଭସାଣି ପାଇଁ ଉଭୟ କଟକ ଓ ଭୁବନେଶ୍ୱରର ବିଭିନ୍ନ ପୂଜା



କମିଟି ପକ୍ଷରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଭୁବନେଶ୍ୱରର ନୟାପଲ୍ଲୀ , ସହୀଦ ନଗର ପଡିଆରେ ରାଜଧାନୀର ବିଭିନ୍ନ ସ୍ଥାନରୁ ମେଢ ମାନେ ଏକତ୍ର ହୋଇଥିଲେ। ଏହାପରେ ବିରାଟ ଶୋଭାଯାତ୍ରାରେ ମେଢ ଗୁଡିକୁ ବିସର୍ଜନ ପାଇଁ ନିଆଯାଇଥିଲା। ପାରମ୍ପରିକ ବାଜା ରୋଷଣୀ ସହ ପାରମ୍ପରିକ ଲୋକନୃତ୍ୟ ମଧ୍ୟ ଏହି ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। ମୂର୍ତ୍ତି ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ କଟକର ଦେବୀଗଡା ଘାଟ ଏବଂ ଭୁବନେଶ୍ୱରର କୁଆଖାଇ ଓ ଦୟା ନଦୀ କୂଳରେ ବଡ ବଡ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିଲା। ସେହିପରି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ତେବେ ସିଆରପି ଛକ ଠାରୁ ଜୟଦେବ ବିହାର ମୁଖ୍ୟ ରାସ୍ତା ଓ ବାଣୀବିହାର ଛକ ଠାରୁ ରୂପାଲୀ ଛକ ମଧ୍ୟରେ ପ୍ରବଳ ଭିଡ଼ ଥିବାରୁ ଟ୍ରାଫିକ ନିୟନ୍ତ୍ରଣ କରିବା ମୁସ୍କିଲ ହୋଇଥିଲା। ପଥଚାରୀ ମାନେ ବଡ କଷ୍ଟରେ ନିଜ ଗନ୍ତବ୍ୟସ୍ଥଳରେ ପହଂଚିଥିଲେ। ସେହିପରି ମେଢ ମାନଙ୍କର ଶୋଭାଯାତ୍ରା ଦେଖିବାପାଇଁ ଓଭରବ୍ରିଜ୍ ଉପରେ ମଧ୍ୟ ପ୍ରବଳ ଭିଡ ଦେଖାଯାଇଥିଲା।


